[illegible]

ଶ୍ରୀ ପ୍ୟାରିମୋହନ ଦାସ ।

Digitized by srujan ka@gmail.com

✽କବି ଶ୍ରୀ ବୈଷ୍ଣବ ପାଣିଙ୍କ ବିରଚିତ✽

ଇନ୍ଦ୍ରଜିତ ମୃତ୍ୟୁ

ବା

ମେଘନାଦ ବଧ ସୁଆଙ୍ଗ ।

ଶ୍ରୀ ପ୍ୟାରିମୋହନ ଦାସଙ୍କ ଦ୍ୱାରା

ପ୍ରକାଶିତ ।

ଅରୁଣୋଦୟ ଯନ୍ତ୍ରାଳୟର ମେସିନ୍‌ଯନ୍ତ୍ରେ ମୁଦ୍ରିତ ।

ପ୍ରଥମ ସଂସ୍କରଣ ।

Printed by Nityananda Sahoo
at the Arunodaya Press
CUTTACK
1925

ମୂଲ୍ୟ ୦ ୷ ତିନିଅଣା ମାତ୍ର ।

Digitized by srujan ka@gmail.com

ମେଘନାଦବଧ

ସୁଆଙ୍ଗ ।

(ପାହାଥିଲା ରାତିଟା କେଡ଼େ ଦୁରୁଯୋଗରେ—ବୃତ୍ତେ)

ଭଜ ହେ ରସିକଜନେ ରାମାମୃତରସରେ । ଅହଲ୍ୟାତାରଣ
ମ କମଳା ବିଳାସ ରେ । ପଦ । ଆଦ୍ୟ ଅବତାରେ ମୀନ ମୂରତି
ଲେ, ଶଙ୍ଖାସୁର ଦାନବକୁ ନାଶିଲେ ହେଳେ । କମଠ ନୃସିଂହ
ନି ବଳଭଦ୍ରା ବେଶରେ । ୧ । ପରଶୁ ହସ୍ତେ ପରଶୁରାମ ଶରୀର,
ଭୃଗୁପତି ନାମେ ଖ୍ୟାତ କ୍ଷତ୍ରିୟେ ସାର । ଏକବିଂଶବାର କ୍ଷତ୍ରି-
ଳ କଲେ ନାଶ ରେ ॥ ଦେବ ହିତଅର୍ଥେ ଗୃହମୂରତି ଧରି, ସରଯୂ
ଟେ ଜନମ ଅଯୋଧ୍ୟାପୁରୀ । କୀର୍ତ୍ତିଧ୍ୱଜା ଉଡ଼ାଇ ତାରିଲେ ସୂର୍ଯ୍ୟ-
ଶରେ । ୩ । ହେ ନରେ ଭକତିଭରେ ଭଜ ସେ ପଦ, ଯେ ପଦ
ଛଇ ବ୍ରହ୍ମା ଇନ୍ଦ୍ର ସମ୍ପଦ । ବିପ୍ର ବଇଷ୍ଣବ ତାହା ପାଇବ କି
ଶେଷରେ । ୪ ।

(ଶିବ ଓ ଦୁର୍ଗାଙ୍କର ପ୍ରବେଶ)

ଦୁର୍ଗା—ଚନ୍ଦ୍ରଚୂଡ଼ !

ଜନ୍ମେ ଜନ୍ମେ ଦାସୀ ମୁହିଁ ତବ ପଦଯୁଗେ,
ଛଉ ଥାଏ ଅବିରତ

Digitized by srujan ka@gmail.com

ଶୁଣି ରାମାୟଣ ଗାଥା ତବ ମୁଖୁଁ
କୃତାର୍ଥ ହୋଇଲା ଜୀବ ମୋର,
ଅଯୋଧ୍ୟାବାସୀ ରାମ ରାଜୀବଲୋଚନ
ପାଳି ପିତା-ସତ୍ୟ ପ୍ରବେଶିଲେ ବିଜନ ବିପିନେ
ରାମବାମା ଜନକତନୟା
ପଞ୍ଚବଟୀଠାରୁ ହରି ଆଣିଲା ରାବଣ,
ତହୁଁ ରାମ ସୀତା ଅନ୍ୱେଷଣେ
ପ୍ରବେଶି କିଷ୍କିନ୍ଧ୍ୟା ରାଜ୍ୟେ
ସୁଗ୍ରୀ ସଙ୍ଗେ ମିତ୍ରତା ସ୍ଥାପିଣ
ବଧିଲେ ବାନରପତି ବାଳି ମହାବଳ—
ତହୁଁ କପିସେନା ଘେନ କୌଶଲ୍ୟା ଆତ୍ମଜ,
ହନୂଠାରୁ ସଙ୍କେତ ପାଇଣ
ସୀତା ହେତୁ ସେତୁ କଲେ ସାଗରେ ବନ୍ଧନ
ପଞ୍ଚାଶକୋଟି ମର୍କଟ ରୁଲେ ଦୟାନିଧି
ପ୍ରବେଶିଲେ ଲଙ୍କା—ବଧିଲେ ରାକ୍ଷସ ବହୁ ସେନା,
କୁମ୍ଭକର୍ଣ୍ଣ ଆଦି ଯେତେ ଯେତେ,
ରାବଣର ପୁତ୍ର ବୀରବାହୁ
ପ୍ରବେଶିଣ ଭୀଷଣ ସମରେ
ରାମ କରେ ହରାଇଲା ପ୍ରାଣ
ଏହାପରେ କି କି କାର୍ଯ୍ୟ କଲେ ରଘୁମଣି,
ସଂକ୍ଷେପିଣ କହିବ ଧୂର୍ଜ୍ଜଟି ।
ଶିବ—ଶୁଣ ପ୍ରିୟେ ଦକ୍ଷରାଜଜେମା !
ମୁହିଁ କ୍ଷୁଦ୍ର ବୁଦ୍ଧି
କି ସାଧ୍ୟ ମୋହର ରାମଲୀଳା କରିବ ବର୍ଣ୍ଣନ ।
ବେଦେ ବ୍ରହ୍ମା ଯାର ଅନ୍ତ ନ ପାଇଲେ ଖୋଜି,
ସେହି ଆତ୍ମାରାମ
ବସି ମୋର ହୃଦେ, କହି ଦେଉଛନ୍ତି ଯାହା କହୁଅଛି ମୁହିଁ
ତେବେ, ସ୍ଥିରଚିତ୍ତେ ଧୀର ମନେ ଶୁଣ ଗୋ ଚଣ୍ଡିକେ ।

Digitized by srujan ka@gmail.com

(ଯାଅ ନା ଯାଅ ନା ରୁ ଉସ୍ମନାମୁହାଁରେ—ବୃଦ୍ଧେ)

ଶୁଣ ଶୁଣ ରୁ ଗିରିବରତନୟା ଶ୍ରୀରାମ ନାମ ଶ୍ରୁତିପଥରେ । ହୃତ
ହୋଇବ ଚିତ୍ତରୁ ତୋର ଖ୍ୟାତ ହୋଇବୁ ଏ ଜଗତରେ । ପଦ ।
ଶୁକ ସନକ ଜନକ ଋଷି, ଯେବଣ ନାମ ଚିତ୍ତରେ ଘୋଷି । ଭଜ
କାକର ଚତୁରନର ହେଲା ପଡ଼ନ୍ତେ କୁଣ୍ଡ ଭିତରେ । ୧ । ମହର୍ଷି-
ଶ୍ରେଷ୍ଠ ବ୍ୟାସ ବଶିଷ୍ଠ ଯେବଣ ନାମ ବାଲ୍ମୀକ ଖଣ୍ଡ । ଅଟଣ୍ଡ ଭଜନେ
ଚିନ୍ତା ତେଜିଲେ ବିଖ୍ୟାତ କଲେ ଜନ ହୃତରେ । ୨ । ବାଜ ଚରଣ
ହେଲା କାରଣ, ବିପୁଳ ବନେ ନାଶ ପାଷାଣ । ଶରଣ ଗଲା ସେହୁ
ଚରଣେ ବିପ୍ର ବଇଷ୍ଣବ ଭ୍ରଷ୍ଟେ ଗୀତରେ । ୩ ।

(ଉଭୟଙ୍କ ପ୍ରସ୍ଥାନ)

ବ୍ରଲ ପ୍ରିୟେ ! ଏକାମ୍ରକାନନେ
ଦୂତ ମୁଖୁଁ ବାରତା ପାଇଣ
ଯାହା ଚିତ୍ତେ ପାଯଇ ରାବଣ
ଏକାନ୍ତରେ ବସି ତୋତେ ଶୁଣାଇବ ସବ—

(ରାବଣ ଓ ଶୁକ ସାରଣର ପ୍ରବେଶ)

ରାବଣ—କହ ମନ୍ତ୍ରୀ ହେ ଶୁକ ସାରଣ
ରଣକ୍ଷେତ୍ରେ ଗଲା ଖରବାହୁ
ରାହୁରୂପୀ କୁମର ମୋହର
ରାମଚନ୍ଦ୍ର ଚନ୍ଦ୍ର କରିଲା କି ଗ୍ରାସ
କିବା ରାମବାଣେ ବିନାଶ ଭଜିଲା
ବୁଝା ତ ନ ଗଲା କିଛି
ଓଃ ଅକସ୍ମାତ୍ ବାମବାହୁ କମ୍ପିଲା କପାଇଁ
ବାମଚକ୍ଷୁ କମ୍ପେ ମୁହୁର୍ମୁହୁ (ନେପଥ୍ୟ ଜୟ ରାମ ଧ୍ୱନି)
ଏ କି ଶବ୍ଦ ।

Digitized by srujan ka@gmail.com

ଗଗନ ପାତାଳ କରେ ରାମ ଜୟଧ୍ୱନ
ଯୁଦ୍ଧ କିବା ହେଲା ଅବସାନ
ଏ ପର୍ଯ୍ୟନ୍ତ ନ ଫେରିଲା ଦୂତ (ନେପଥ୍ୟକୁ ଚାହିଁ)
ଏହୁ ଦେଖ ଦେଖ ପଳାନ୍ତି । ରାକ୍ଷସସେନା

ଶୁକ—ଶାନ୍ତ ହୁଅ ମହାରାଜ !

ବିପଦେ ଅଧୀର ହେଲେ ବୁଦ୍ଧି ଯାଏ ନାଶ
କିଛି ତୁମ୍ଭେ କେଉଁକଥା ଅଜଣା ତୁମ୍ଭଙ୍କୁ ।
ଏହୁ ଆସୁଅଛି ଦୂତ
ସତ୍ୟ ମିଥ୍ୟା ବୁଝିବା ତା ଠାରୁ
ରୋଗ ହେଲେ ଔଷଧତ ଅଛି ?

—**—

ଦୂତ ଗୀତ ଗାଇ ଗାଇ ପ୍ରବେଶ ।
[କମଳମୁଖୀ କାମବାଣେ ବୃନ୍ଦେ ।]

ପରପଞ୍ଚ ପରଶୁଙ୍କର ପୋଡ଼ା,ପ୍ରାଣ ଗଲେ ତା ନାହିଁ ମୋର ଲୋଡ଼ା, ନିତ କେତେ ଖାଇବ କାନମୋଡ଼ା । ପଦ । ଭଲେ ନାହିଁ ସୁଖ, ଘୁଞ୍ଚ ଦକ ଦକ; ସର୍ବଦା ପଡ଼େ ହାତଯୋଡ଼ା । ଥୋଡ଼ା ଯେବେ ହେଉ ହେଲା ଆସିବାକୁ ବସିଯିବ ଘୋଡ଼ା ଟକାରଡ଼ା । ନିଶ ମୋଡ଼ ଦେଖାନ୍ତି ଆଖିଯୋଡ଼ା, କହୁଥାନ୍ତି ବଚନ କଡ଼ା କଡ଼ା । ୧ । ଅନ୍ତୁ ବାଇଗଣି କଦଳୀ ତାଙ୍କର ଅମ୍ଭ କପାଳେ ପଡ଼େ ଖଡ଼ା ସରୁଗୁଉଳତ ବାବୁଙ୍କ ଅହାର ଗୃକରଙ୍କୁ ଦିଅ ବଗଡ଼ା; ବାବୁ ଦୁଅରେ ଅମ୍ଭେ ପୁଣି ଯୋଡ଼ା, ଖଗ୍ବର ଷାରେ ପଡ଼େ ଦଉଡ଼ା । ଦାଣ୍ଡେ ଘଡ଼ଏ କାହିଁ ନୋହୁ ଛଡ଼ା । ୨ । କାହାର ଅଧୀନ ନୋହୁଣ ଏଣିକି ଭଣିବ ଦୁଇଗୋଟି ହଡ଼ା, ହଳ ବୁଲାଇଣ କାଳ କଟାଇବ ହେବ ପଞ୍ଚକେ ଭୁଇଁତଡ଼ା, ସୁଖେ କରୁଥିବ ବସି ବେହୁଡ଼ା, କର ବୁଝାଇ ଦେବ ଗଣ୍ଡା କଡ଼ା । ବଇଷ୍ଣବ ଖୋଜୁଛି ଦାସ୍ଥ ଚୂଡ଼ା ॥

Digitized by srujan ka@gmail.com

ରାବଣ— କହ ଦୂତ, କ ହେଲା ସମରେ ଆଜ,
ମରିଲେ କ ରାକ୍ଷସ ସେନାଏ ?
ଦୂତ— କି କହିବି ମହାରାଜ !
କହିଲେ ବଦାର ହୁଏ ଛାତି
ରଘୁପତି ଅଶ୍ଚର୍ଯ୍ୟ ସମର-ମାରି ବଳେ,
ଯୁବରାଜ ବୀରବାହୁ ପଡ଼ିଲେ ସମରେ,
ତବ ଭ୍ରାତ ବିଭୀଷଣ ଭୀଷଣ ମନ୍ତ୍ରଣା ଦେଇ
ଭିକ୍ଷ କପି ବଧିଲେ ରାକ୍ଷସେ,
ଶେଷଭାଗ ପଳାଇଲେ କାହିଁ
ଦୋଷ କ୍ଷମା କର ମହାରାଜ !

——✻——

ରାବଣ-ହା ପୁତ୍ର ବୀରବାହୁ ! (ପତନ କିଛିକ୍ଷଣେ ଉଠି)

ଅରେ କୁମର ମୋହର ଗଲୁ କେଣିକି, ଦଶଦିଗ ମୋତେ ଅନ୍ଧାର ଦିଶୁଛି କାହାକୁ ଗୁହାଁବି ପୁଣିକି । ପଦ । ଅଶ୍ବାସବାଣୀରେ ପଦେ ଅଶ୍ବାସବାଣୀ, କେ ମୋତେ କହିବ ଅରେ କୁମରମଣି । କାହାକୁ ଦେଖିବି ନାଶିବାକୁ ରଘୁମଣିକି ॥ ଏକ ଉଚିତରେ ତୋର, ଏକ ଉଚିତ, ପିତାକୁ ତେଜଣ ଅରେ ଗଲୁରେ ସୁତ । ବର ପାଇଥିଲୁ କେତେ ସେବି ଶୂଳପାଣିକି ॥ ଧନ୍ୟ ତୋ ପଣରେ ବତ୍ସ, ଧନ୍ୟ ତୋ ପଣ; ସମ୍ମୁଖ ସମରେ ଯାହା ତେଜିଲୁ ପ୍ରାଣ । ଜଗତ ଘୋଷୁ ତୋହର ଜୟ ଜୟ ବାଣୀକି ।୩। ଅକ୍ଷୟ ଯଶରେ ବତ୍ସ; ଅକ୍ଷୟ ଯଶ; ଖିତିରେ ଖ୍ୟାତି ଲଭିଲୁ ହୋଇ ରାକ୍ଷସ । ବଇଷ୍ଣବ ଭଣି ଏହା କିଏ ଥିଲା ଜାଣିକି ।୪।

——✻——

(ନେପଥ୍ୟେ ଚିତ୍ରାଙ୍ଗଦାର ରୋଦନ ସହ)
[ହେ ସୁନ୍ଦର ଶଶଧର ସୁଧା ଅଧର ବୃନ୍ଦେ]

ଅହା ବୀରବାହୁ ମୋର ନୟନ ତାରା । ଅଛ ଜନନୀ ମୋହର ଦୁଃଖ ପାସୋରା । ପଦ । ଦଣ୍ଡେ ଦଣ୍ଡେ ଦିଶୁଥାଉ ତୁହି; ଆଜ କି ତୋ ରୂପ ସତେ ଦେଖିବି ହୋଇଲେ; ମାଅ ମାଅ ବୋଲି କିଏ ବସିବ

Digitized by srujan ka@gmail.com

ସେକାଳେ । କାଳର କରାଳଗ୍ରାସେ ପଡ଼ିଲୁ ଧରା ॥ ମନାକଲେ ମନା ସ
ମାନିଲ୍; ଅନନ୍ଦେ ମିଳିଲୁ ଯାଇ ସମରଭୂଇଁ, ଜନନୀଙ୍କ ଏକାକୀ ରଖିଲୁ ସେ
କାହିଁ । ନରବଧ ବୁହାଇଲୁ ଲୋହିତଧାରା । ୨ । ଅଛ ଏ
ଜୀବନେ କସ କାର୍ଯ୍ୟ; ଲଙ୍କାଭୁବନ ଲାଗିବ ବନ ସମାନ; ପୁତ୍ରହରା
ହୋଇ କେତେକ ବର୍ଷିବ ଦିନ; ବଇ ଭ୍ରଷେ ନଷ୍ଟସ୍ତ ଭକ୍ଷିବ ମନ୍ଥରା ॥

———✱———

ରାବଣ—ଓଃ କାହାର ଏ କଣ୍ଠସ୍ୱର;
ମୁକ୍ତକେଶା ମଳିନବସନା ଚିତ୍ରାଙ୍ଗଦା
ପୁତ୍ରଶୋକେ କରୁଛି ରୋଦନ
ଆସୁଅଛି ମୋହର ନିକଟେ ।

ଚିତ୍ରା—ପ୍ରାଣେଶ୍ୱର ! ଦୁଃଖିନୀର ଏକମାତ୍ର ଧନ ହୃଦୟପୁତ୍ତଳୀ
କାହିଁ ମୋର ବୀରବାହୁ ଦିଅ ମୋତେ ଆଣି
କେତେବେଳୁ ଦେଖିନାହିଁ ଚନ୍ଦ୍ରମୁଖ ତାର ।

ରାବଣ—ବୀରପ୍ରସବିନୀ ପ୍ରିୟେ !
ଧୈର୍ଯ୍ୟ ଧର ବାରେ
ବୀରମାତା ହୋଇ ଅଧୀର କପାଇଁ ଏଡ଼େ ।
ଦେଖ ପ୍ରିୟେ !
ଏକପୁତ୍ର ହରାଇଛ ତୁମ୍ଭେ
ଭୋଗୁଅଛ କି ଘୋର ଯାତନା ।
ହୃଦୟ ଚିରଣ ଦେଖିଲ ଯଦ୍ୟପି
କେତେ କେତେ ପୁତ୍ରଶୋକ ଶେଲ-
ବିଦ୍ଧ ଆଜ ଦଶାନନ ହୃଦେ ।

ଚିତ୍ରା—ଜୀବିତେଶ ! ଚିତ୍ରାଙ୍ଗଦା ବୁଝିଅଛି ତାହା
କିନ୍ତୁ ଲୁହ ଦେଖି
କାହାଯୋଗେ ସ୍ୱର୍ଣ୍ଣଲଙ୍କା ବୀରଶୂନ୍ୟ ଆଜ;
କାହାଯୋଗେ ପୁତ୍ର ନାତି ନିହତ ସମରେ;
କାହାଯୋଗେ ମହାବଳୀ କୁମ୍ଭକର୍ଣ୍ଣ ହତ;
କାହାଯୋଗେ ପୁତ୍ରହୀନ ଆଜ ଦାସୀ ତବ;

Digitized by srujan ka@gmail.com

ଚରଣ ଧରୁଛି ଦାସୀ
ନର ବାନର ସମରେ ନ ବଳାଅ ମନ
ଦନ୍ତେ ଧର ତୃଣ କର ସମର୍ପଣ
ଜାନକୀଙ୍କୁ ଶ୍ରୀରାମଚରଣେ
ମେଣ୍ଟିଯାଉ ସକଳ ଅପଦ ।

(କେ ରଷା କରିବ ଅଜ—ବୃନ୍ଦେ)
କ୍ଷାନ୍ତ ହୁଅ ପ୍ରାଣକାନ୍ତ ନର ବାନର ସମରେ ।
ପରଂବ୍ରହ୍ମରୂପୀ ରାମ ଜନ୍ମିଛନ୍ତି ମର୍ତ୍ତ୍ୟପୁରେ । ପଦ
ଖଣ୍ଡିବେ ଅବନୀଭାର, କରିବେ ଦୁଷ୍ଟ ସଂହାର ।
ଚଣ୍ଡାଂଶୁବଂଶେ ସମ୍ଭୂତ ବ୍ରହ୍ମାଣ୍ଡ ଯାର ଉଦରେ । ୧ ।
କହ ଦେଖି ପ୍ରାଣନାଥ, କପାଁ ଏ ଅନର୍ଥ ଜାତ ।
ପୁତ୍ର ନାଶ ହେଲେ ହତ ଗଲେ ସଞ୍ଜୀବନୀପୁରେ । ୨ ।
ଯଦ ଗୁହଁ ଭଲ ଚେତ, ଶୁଣିମା ହିତଳପତ,
ସୀତା ନେଇଣ ଝଟତି ସମର୍ପି ଦିଅ ରାମରେ । ୩ ।
ନଚେତ୍ କମଳାବିଳାସ, କ୍ଷମିବେ ତୁମ୍ଭର ଦୋଷ ।
ବଇଷ୍ଣବ ଭାବେ ଯଶ ରହିବ ଧରାଧାମରେ । ୪ ।

—:୦:—

ରାବଣ—ଶୁଣ ହୁଅ ଚିତ୍ରାଙ୍ଗଦା,
ନ କହ ତୁ ଏସନ ବାରତା,
ଜାଣୁ ନା କି ରାବଣ ବିକ୍ରମ,
ତ୍ରିଭୁବନ ବିଜୟୀ ମୁଁ
ବ୍ରହ୍ମା, ରୁଦ୍ର, ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେର,
ଦଶଦିଗପାଳେ ଯାର ଖଟୁଛନ୍ତି ପଦେ
ଯେ ରାବଣ ଚାହିଁଲେ ଦଣ୍ଡକେ ଭସ୍ମକରିପାରେ ତ୍ରିପୁର,
ଯେ ରାବଣ ଅକ୍ଳେଳ ସମରେ ନିର୍ଦ୍ଦୟରେ ଗୃହେଁ ପଶିବାକୁ,
ସେ କପାଁ ଡରିବ ଛାର ଜଟାଧାରୀ ରାମେ,

Digitized by srujan ka@gmail.com

ଅବଳା ବୋଲିଣ ବାରେ କ୍ଷମା ଦେଲି ତୋତେ
ଦୂର ହୁଅ ସମ୍ମୁଖରୁ ମୋର ।

ଚନ୍ଦା—ପ୍ରାଣେଶ୍ୱର ! ନ ଶୁଣିଲ ଅଧିନୀର କଥା
ପଶ୍ଚାତେ ବୁଝିବ ଭଲ ମନ୍ଦ
ଯମଦୂତ ପାଶେ ଯେ ରୋଗିର
ଔଷଧିକ ଅଦରେ କି ସେହୁ
ବଳେ ଗିଳାଇଲେ ଅପମୃତ୍ୟୁ ଘଟଇ ନିଶ୍ଚୟ ।
ଯାଉଛି ମୁଁ । (ପ୍ରସ୍ଥାନ ଓ ମେଘନାଦର ପ୍ରବେଶ)

ମେଘ—ନମସ୍କାର ପଦେ ପିତଃ !
ଆଶୀର୍ବାଦ କର ମେଘନାଦେ,
ଶୁଣିଅଛି ପ୍ରିୟଭ୍ରାତ ବୀରବାହୁ ହତ,
ସେ ହେତୁ ବିଷଣ୍ଣ କପାଁ ଏତେ,
ଉପସ୍ଥିତ ପୁତ୍ର ସ୍ନେହେଁ ତବ ଆଜ୍ଞାମାତ୍ର,
ଅଜ ରାମ ଲକ୍ଷ୍ମଣ ମସ୍ତକ
ତବପାଦେ ଦେବ ଉପହାର,
ଅରାମ କରିବ ନିଶ୍ଚେ ସସାଗରା ଧରା
ସେ ରାଜବଦ୍ରୋହୀ ରାମେ ଶମନସଦନେ
ପଠାଇବ ଅଜ,
ଅବଲମ୍ବେ ଆଜ୍ଞା କର ତାତ ।

ରାବଣ—ବତ୍ସ ମେଘନାଦ !
ଏ ତାପିତ ହୃଦୟ-କେଦାରେ
ସୁଧାବାରି ବଚନ ତୋହର
ବର୍ଷିବାରେ କଲୁ ରେ ଶୀତଳ,
ଅବିଳମ୍ବେ ଚଳ ରଣକ୍ଷେତ୍ରେ
ମଙ୍ଗଳ ହୋଇବ ବତ୍ସ ତୋର
ଆଶୀର୍ବାଦ କରୁଅଛି ମୁହିଁ । (କଣ୍ଠହାର ପ୍ରଦାନ)

Digitized by srujan ka@gmail.com

ମଘ—ଚଲୁ ଚନ୍ଦ୍ରା ତେଜ ପିତା ଯାଉଛ ରଣକୁ
ଆଜ ବିନାଶିବ ପାଜ ରାମ ଲକ୍ଷ୍ମଣକୁ
ଲଙ୍କାରୁ ଘୁଞ୍ଚିବ ଦଳା ଶଙ୍କା ଯିବ ତୁଟି
ରାମବନାଶେ ସୁଗ୍ରୀବ ପଳାଇବ ହଟି
ସଂସାରେ ଶୁଭିବ ତୋର ଜୟ ଜୟ ରୋଳ
ନଭର୍ଦ୍ଦେ ରକ୍ଷସେ କରୁଥିବେ କୋଳାହଳ
ଯେଉଁ ଶୋକାନଳ ଦହେ ତବ ହୃଦସ୍ଥଳ
ଯେ ଅନଳ ତାପେ ଅଶ୍ରୁ ବହେ ଅବିରଳ
ଯେଉଁ ଶୋକାନଳ ଲଙ୍କା ରମଣୀଙ୍କ ମନ
ଅନବରତ ପିଅର କରୁଛି ଦହନ
ସେହି ଅଗ୍ନି ଆଜ ଲିଭାଇବ ମେଘନାଦ
ବଦାସ୍ତୁ ଦେଉଛି ପିତା କର ଆଶୀର୍ବାଦ ।

(ସମସ୍ତଙ୍କର ପ୍ରସ୍ଥାନ)

(ଅଦୃଷ୍ଟ କୁମାରୀଙ୍କ ନୃତ୍ୟ ସହ)

(ଅଲି ବ୍ୟାକୁଳେ କାନ୍ଦଛେ କୁଞ୍ଜର,—ବୃତେଉ)

ଦେଖ ବଧିର ବଚନ ଲୀଳା ଖେଳା, କାର ଶୁଖିଲାସ୍ରୋତେ ବୁଡ଼ୁଛି ଭେଳା । ପଦ । କାର ଭାସୁଛି ଅଗାଧଜଳେ ତରି, ପାଦ ନାହିଁ କେ ଲିଙ୍ଘି ଯାଉଛି ଗିରି, କାହୁଁ ବଧିର ଶୁଣୁଛି ରାମଲୀଳା । ୧ । କେହି ନର୍ଦ୍ଦେ ଷିର ଦୋଷ ବୁଲେ ଖୋଜ, କେହି ଭସ୍ମପଣେ ବସେ ଚକ୍ଷୁ ବୁଜ, ରାମନାମ ଜ୍ଞେ ଗୁନ୍ତି କରୁଛି ମାଳା । ୨ । ହତ କହିଲେ ଅହତ ଲଭେ କାଳୁ, ପୁଣି ଅନଳ ଯେସନେ ପତଙ୍ଗକୁ, ଜାଣି ଖଣ୍ଡାଧାରେ କେ ଦେଖାଏ ଗଳା । ୩ । ଆହା ଦେଖ ଏ ରାବଣ କେତେ ଦୁଷ୍ଟ, ଭଲ ସ୍ଥଡଣ ଲୋଡ଼ୁଛି ମନ୍ଦବାଟ, ବଇ ବୋଲେ ମରାଉଛି ନିଜ ବଳା । ୪ ।

Digitized by srujan ka@gmail.com

[ମନ୍ଦୋଦରୀ ଓ ତ୍ରିଜଟାର ପ୍ରବେଶ]

ତ୍ରିଜଟା—ରାଜରାଣୀ ! ତୁମ୍ଭେ ଏମନ୍ତ ହେଉଛ କିଆଁ ?
ସ୍ୱପନ ଯେବେ ସତ ହୁଅନ୍ତା ତେବେ କେତେ୨ ରଜା ଦରିଦ୍ର
ଦରିଦ୍ର ରଜା ହୋଇ ଯାଉଥାନ୍ତେ
ତାର କିଛି ସୀମା ନ ଥାନ୍ତା ତୁମ୍ଭେ ଯାହା କହ ସ୍ୱପନ ସବୁ ମିଛ
ମନ୍ଦୋ—ସଖି ତ୍ରିଜଟେ ! ମୁଁ ସବୁ ଜାଣେ, ତେବେ କାହିଁକି ମୋର
ଅବୋଧ ମନ ଭୋଳ ଘାଣ୍ଟି ହେଉଛି ? ଲଙ୍କାରୁ ତ
କେତେ୨ ବୀର ମଲେଣି କେବେତ ଏପରି ହୋଇନାହିଁ ।

(କ ହେବ ପଡ଼ିଲେ ଭଦ୍ୟା-ବୃତ୍ତେ)

କାଲି ରଜନୀରେ ସଖି ଦେଖିଛି ସ୍ୱପନ ଯାହା,
କହିଲା ବେଳକୁ ମୋର ସିଂହାର ଉଠୁଛି ହିଆ । ପଦ ।
ଯାମିନୀର ଶେଷ ଯାମେ, ଦେଖିଲି ଲକ୍ଷ୍ମଣ ରାମେ,
ବଧିଲେ ମୋ ମେଘନାଦେ ହୃଦୟେ ନ ବହି ଦୟା । ୧ ।
ବଳେ ପଶି ଲଙ୍କାଗଡ଼େ, ଧ୍ୱଂସ କରିଲେ ମାଙ୍କଡ଼େ,
ନାଶିଲେ ଲଙ୍କେଶ ପ୍ରାଣ ନେଲେ ଜନକ ତନୟା । ୨ ।
ଭାଙ୍ଗଗଲା ନିଦ୍ରା ଯହିଁ, ହଜଗଲା ଜ୍ଞାନ ତହିଁ,
ଘୃତ ପଡ଼େ ଦାଉଁ ଦାଉଁ ରବରେ କୁକ୍କୁଟ କୁହା । ୩ ।
କି କରିବି ସଖି କହ, ଥର ଥର ଥରେ ଦେହ;
ବଇଷ୍ଣବ ଭଣେ ସଦା ସଦାଶିବ ହୁଅ ସାହା । ୪ ।

(ମେଘନାଦର ପ୍ରବେଶ)

ମେଘ—ଜନନି ଗୋ ! ଆଶୀର୍ବାଦ କର ତୋ କୁମରେ,
ତୋର ପଦେ କରୁଛି ପ୍ରଣାମ
ପିତା ଆଜ୍ଞା ଘେନିଣ ଶିରେ ପଶିବି ସମରେ ।
ବଲ୍କଲବସନଧାରୀ ସେ ବେନି କପଟେ
ପଠାଇବି ଶମନ ସଦନେ,

Digitized by srujan ka@gmail.com

ଅକଣ୍ଟକ ହେବ ଲଙ୍କାରାଜ୍ୟ,
ଯେସନେ ଅରୁଣ ପ୍ରକାଶି କିରଣ
ଅନ୍ଧକାର କରିଦଏ ଦୂର
ପାଇ ସେ ଆଲୋକ
ପୁଲକ ହୃଦୟେ ଯେସନେ ହସଇ ବସୁଧା
ସେହିପରି ନିବାରି ଅରାତିକୁଳ
ଦୁଃଖଅନ୍ଧକାର ଘୁଞ୍ଚାଇବ ଅଜ
ପ୍ରଫୁଲ୍ଲଚିତ୍ତରେ ନୃତ୍ୟ କରିବେ ଦାନବେ
ବିଧବା ଭ୍ରାତୃବଧୂଙ୍କ ଦୁଃଖ ଦେଖି ମାତ
ଫାଟୁଯାଏ ଛାତି ?
ଆନନ୍ଦପୂର୍ଣ୍ଣ ଅନ୍ତରେ ଦିଅ ମା ବିଦାୟ ।
ନ୍ଦୋ—କି କହିଲୁ ବତ୍ସ !
ରଣକ୍ଷେତ୍ରେ କରିବୁ ଗମନ ?
ଏ ବୁଦ୍ଧି କେ ଶିଖାଇଲା ତୋତେ ?
କେତେ କେତେ ମହାରଥୀ ବୀର ରଣଭୂଇଁରୁ
ନ ଆସନ୍ତି ଫେରି
ତହିଁକି କେବେହେଁ ତୋତେ ନ ଛାଡ଼ିବି ବାପ
ଦୁଃଖିନୀର ଏକମାତ୍ର ଜୀବନସର୍ବସ୍ୱ ତୁହି
କେମନ୍ତେ ପାସୋରି ତୋତେ ରହିବି ମୁଁ ଘରେ ?
ସେ ବାସନା ଛାଡ଼ ରେ ମନରୁ

(ହୃଦୟସରସମଧ୍ୟରେ ଦାଣ୍ଡ ମା ତରଙ୍ଗ ହୁଏ)
ଅରେ ଗୁଣମଣି ତୋତେ କେବେ ନ ଛାଡ଼ିବି ରଣେ
ଯେ ରଣେ ପଶିଲେ ବୀରେ ଫେରି ନ ଆସନ୍ତି ଜଣେ । ପଦ ।
କୋଟି କୋଟି ଅଶ୍ୱ ହସ୍ତୀ ଅସଂଖ୍ୟ ରଥ ପଦାତି
ମାତିଲେ ସେ ବୀରମଦେ, ନାଶ ଗଲେ ଯତିବାଣେ । ୧ ।
କୁମ୍ଭକର୍ଣ୍ଣ ପରି ବୀର ମେଘେ ଯାର ଲାଗେ ଶିର

Digitized by srujan ka@gmail.com

ପଣେ ପଣେ କପିଗଣେ, ଯେନ୍ତେ ଗିଳପାରେ କ୍ଷଣେ ।୨।
ହସ୍ତ ପଦ ଛେଦ ତାର   ପକାଇଲେ ରଘୁବୀର
ଖଣ୍ଡ ଖଣ୍ଡ ଖଣ୍ଡି ମୁଣ୍ଡ, ଫିଙ୍ଗିଦେଲେ ଏଣେ ତେଣେ । ୩ ।
ରାମ ବାମ ହେବ ଯାକୁ   କେ ରଖିପାରିବ ତାକୁ,
ବଇଷ୍ଣବ ବୋଲେ   ଲୁଚି ରହ ଏବେ ଗୃହକୋଣେ । ୪

ମେଘ—ଜନନି ଗୋ !
ନ କହ ତୁ ଏସନ ବାରତା
ବୀରଶ୍ରେଷ୍ଠ ମୟଦାନବର ସୁତା ହୋଇ
ଏ ଭୀରୁ ବଚନ ସାଜେ ତୋ ମୁଖେ
ପୁଣି ବୀରମାତା, ବୀରର ବନିତା
ବୀରରକ୍ତ ପ୍ରବାହିତ ଦେହେଁ
ଡରୁଅଛୁ ନର ବାନରଙ୍କୁ ?
ଯଦି ରଣେ ଜିଣିବ ତୋ ସୁତ
ଯଶ ତୋର ଘୋଷିବ ଜଗତ
ଭୁଷଣ୍ଡି, ତୋମର, ଅସି, ଗଦା ସଞ୍ଚାଳନ
ଧନୁର୍ବିଦ୍ୟା, ବାହୁଯୁଦ୍ଧ ମଲ୍ଲରଙ୍ଗ ଆଦି
ଶିଖିଥିଲି ଘରକୋଣେ ଲୁଚି ରହିବାକୁ ।

—:***:—

(ଗୋକୁଳାନନ୍ଦଚନ୍ଦ୍ରଙ୍କୁ କୃତେ)

ଯଦାପ୍ୟ ଦଅ ଜନନି ଚିନ୍ତା କରି ଦୂର ।
ତୋହ ଅନୁମତି ବିନା କି ସାଧ୍ୟ ଅଛି ମୋହର । ପଦ ।
ହୋଇଛି ପ୍ରତିଜ୍ଞା ବଦ୍ଧ   ନ କର ଅଉ ନିଷେଧ ।
ସିଂହ ଶାବକ କି କେବେ ଡରଇ ଦେଖି ଶୂକର । ୧ ।
ରମ୍ଭାବନର ସଦୃଶ   ବଢ଼ିଥିଲେ ଅମ୍ଭ ବଂଶ
ରାମବାଣାଘାତେ ଧ୍ୱଂସ ହୋଇ ହେଲେ ଛାରଖାର ।୨।
ବଧବାଙ୍କ ଅର୍ତ୍ତନାଦ   କରନ୍ତି ଦେଉଛି ହୃଦ
ଶୂନ୍ୟ ହୋଇଯାଏ ପ୍ରତ୍ୟକ୍ଷ ଶୁଣି ଶବ୍ଦ ହାହାକାର । ୩ ।

Digitized by srujan ka@gmail.com

ଯେବେ ବାମ ହେବ ଧାତା　　ରକ୍ଷି କି ପାରନ୍ତି ମାତା ।
ବଇଷ୍ଣବ ବୋଲେ ରକ୍ଷି ନ ପାରବେ ଉମାବର । ୪ ।

ମନ୍ଦୋଦରୀ ଓ ମେଘନାଦର ବଚନିକା ।

ନ୍ଦୋ—ରାମର କ୍ଷମତା ଜାଣି ନାହୁଁ ରେ କୁମର
ଘ—ରାଜ୍ୟରୁ ଭରତ ତଡ଼ ଦେଲା ଦଣ୍ଡଧର
ନ୍ଦୋ—ସଦାଶିବ ଯାର ନାମ ଜପନ୍ତି ନିରତେ
ଘ—ଭାଇ ଭାର୍ଯ୍ୟା ଘେନି ବନେ ବୁଲୁଛି କେମନ୍ତେ ?
ନ୍ଦୋ—ଶିଷ୍ଟଙ୍କୁ ପାଳିବ ଦୁଷ୍ଟେ କରିଣ ବିନାଶ
ଘ—ତେବେ କପାଁ ଧରିଅଛି .କସ୍ୱତର ବେଶ
ନ୍ଦୋ—ଗୃହଁଲେ ଦଣ୍ଡକେ ନାଶିପାରେ ତିନପୁର
ଘ— ସେ କାହିଁକି ହେଉଅଛି ଏତେ ଦରବର
ନ୍ଦୋ—ମାର୍କଣ୍ଡ ଭଲୁଏ ଯାର ହୋଇଛନ୍ତି ବଶ
ଘ—ଗୋଟି ଗୋଟି ଧରି ତାଙ୍କୁ ମନାଇଛି ପୋଷ
ନ୍ଦୋ—ଯା ଅଙ୍ଗରେ ଭେଳା ପରି ଭାସଇ ପର୍ବତ
ଘ—କେଳା ସେହୁ ଶିଖିଅଛି ଜଳଭାସାମନ୍ତ୍ର
ନ୍ଦୋ—ଶୁଣିନାହୁଁ ବିନାଶିଲା ବାନରକେଶରୀ
ଘ—ଲୁଚି ଲୁଚି ବୃକ୍ଷପରି ଶର ଦେଲା ମାରି
ନ୍ଦୋ—ଅମାନିଆ ହେଲୁ ମୋର ନ ମାନିଲୁ ମନା
ଘ—କାଲି ଉଠିବ ଲଙ୍କାରେ ଜୟ ଜୟ ବାନା [ପ୍ରସ୍ଥାନ]
ନ୍ଦୋ—ହା ବାପ ଇନ୍ଦ୍ରଜିତ !
ନ ମାନିଲୁ ମାତା କଥା ତୋର
ଭ ନ କଲୁ ସୂର୍ପଣଖା
କୁଳକ୍ଷୟ କରିବାକୁ ହୋଇଥିଲୁ ଜନ୍ମ
ଜାତ ହେଲାବେଳେ ଗୁହ ନିକଷା ଗର୍ଭରୁ
କପାଁ ତୋତେ ନ ମାଇଲେ ସେହୁ
ମରିଥାନ୍ତୁ ଯେବେ ।
କାହୁଁ ଏତେ ଶୋକ ଦୁଃଖ ଭୁଞ୍ଜିଥାନ୍ତୁ ଅମ୍ଭେ

Digitized by srujan ka@gmail.com

ହେ ଧର୍ମ ଦେବ !
ସାହା ହୁଅ କୁମରଙ୍କୁ ମୋର (ଉଭୟଙ୍କ ପ୍ରସ୍ଥାନ)

—:✽✽✽:—

(କହନ୍ତୁ ଗୋ ଦୂତୀ ଛଇଳଛ—ବୃତ୍ତେ)

[ଅଃ କୁଃ] କେଡ଼େ ସୁକୋମଳ ଧର୍ମ ପଥ । ପାପୀକ ଦଣଇ ତା
ଯେଉଁ ପର କଣ୍ଟକ ଆବୃତ । ପଦ ।
ସତକୁ ମଣଇ ମିଛ ଉଚକୁ ମଣଇ ନୀଚ । କାଞ୍ଚନକୁ ମଣେ କା
ତୁଚ୍ଛ ଜ୍ଞାନ କରେ ଏ ଜଗତ । ୧ ।
ମନବ୍ୟାଧି ଘୋଟେ ଯାକୁ ଔଷଧି ନାହିଁ ତାହାକୁ । ବିଷକୁ ଅମୃତ ମ
ପାନ କରୁଥାଏ ଅବିରତ । ୨ ।
ମାତାବଚନ ଅଦ୍ଭୁତ ମଣିଲା ଏ ଇନ୍ଦ୍ରଜିତ । ବଇଷ୍ଣବ ବୋଲେ ସୁ
କଷ୍ଟେ ବାମ ହୋଇଲା ବିଧାତ । (ପ୍ରସ୍ଥାନ)

(ପ୍ରମିଳାର ଗୀତ । ସତେ କି ନାଗରବର-ବୃତ୍ତେ)

ଅହା କି ସୁନ୍ଦର ଫୁଲ ଫୁଟିଅଛି ଉପବନେ ।
ହଲୁଛି ଝୁଲୁଛି କେଡ଼େ ରଙ୍ଗେ ଦକ୍ଷିଣାପବନେ । ପଦ ।
ଦେଖ ଏ ମଧୁ ମାଳତୀ ପାଶରେ କଥଳ ସୁ
ଲାଜେ ନୁଆଁଇଛି ଶିର କେମନ୍ତେ ଆନନ୍ଦ ମନେ । ୧ ।
ଦେଖ କୁଞ୍ଜ ଲତାସଙ୍ଗେ ଭ୍ରମର ଖେଳେ କି ର
ପ୍ରେମରେ ହୋଇଣ ଭୋଳ ନାଗରୀ ନାଗର ଯେସନ୍ତେ । ୨ ।
ମନ୍ଦ ମନ୍ଦ ମନ୍ଦକଇ ସୁବାସେ ମନ ମୋହଇ
ମାର ମରମ ଦହଇ କୋକିଳ ପଞ୍ଚମ ତାନେ । ୩ ।
ଅସନ୍ତେ କି ଯୁବରାଜ ଫୁଲହାରେ କରି ସଜ୍ଜ
ବଇଷ୍ଣବ ବୋଲେ ଅଷ୍ଟ ଐଶ୍ୱର୍ଯ୍ୟ ଲଭନ୍ତି ମନେ । ୪ ।

(ମେଘନାଦଙ୍କୁ ଦେଖି) କହ ନାଥ !
ଆଜ କପାଁ ରଣବେଶ ତବ ?

Digitized by srujan ka@gmail.com

ଦେଖି ସେହି ବେଶ
ଶତଶେଲ ବାଜେ ମୋ ମରମେ ।
ହେ ଜୀବେଶ !
ତେଜ ତେଜ ସେହି ବେଶ
ଅଧିକାକ ନ କନ୍ଦାଅ ଆଜ,
ପ୍ରାଣ ମୋର ଥିବାଯାଏ ପିନ୍ଧେ
ସମରକୁ ନ ଛାଡବ କେଭେଁ
ମଘ—ହୃଦୟେଶ୍ୱର !
କାତର କାହିଁକି ଏଡେ ?
ହୋଇ ବୀରାଙ୍ଗନା
ସାମାନ୍ୟ ରମଣୀ ପ୍ରାୟ କରୁଛୁ କନ୍ଦନ ?
ହର୍ଷମୁଖ ପ୍ରଫୁଲ୍ଲ ଅନ୍ତରେ
ବାରେ ପ୍ରିୟେ ଦିଅ ଗୋ ବଦାୟ-

—(୦)—

ସ୍ତ୍ରୀ ପ୍ରଭ—ଗୀତ ।

ନବନାଗରୀ ତୁ ମତ୍ତମନ୍ଥଳା,

ଚପଳାଙ୍ଗି ଚନ୍ଦ୍ରବଦନା, ଶଇଳ ଉରଜା ଛଇଳା । ପଦ ।

ରବରନା, ବାରେ ଡର ନା, ଭୁଡ ମର ନା, ଯର ନା, ଚନ୍ଦ୍ରାନୀରେ । ହିଁରେ ଅରୁଣାଧର, କରୁଣା କର, ଶୁଣ ତୋ ବାଣୀ ଥରେ । କମ୍ପ ତଉ କରୁଅଛୁ ଦକଦକ, ମିତ ଝେକ ଝେକ ତୋର ଚନ୍ଦ୍ରମୁଖ । ଦୁଃଖ ଯାଇ ଜାତ ହେବ ସୁଖ, ହସି ଭାଷଥରେ ତୁ କାମକଳା ॥ ଆହ୍ୱଅଖିରେ, ମୁହିଁ ସଖିରେ, ନିରମାଖିରେ, ତୋ ଦୁଃଖେ ଦୁଃଖୀ ମୁହିଁ । ଚଖା ଅଧରୁ ମଧୁ, ପରାଣବନ୍ଧୁ, ରଖାଅ ଯଶ ତୁହି । ଭଜୁଥିବ ତୋର ନାମ ମାଳା କର । ନଖମାଜ ବେଣୀ ସାଜ ଦେବ ଖୋସ୍ସ, ପିଉକାର କର ରମ୍ଯାପଦ୍ମ ବାରେ, ବହିଯାଉ ଅଛଇ ବେଳା । ୨ ।

ପ୍ରମି—ପ୍ରାଣେଶ୍ୱର !

ଯଦି ରଣେ ବଳାଇଛ ମନ

Digitized by srujan ka@gmail.com

ଦାସୀକଥା ରଖିଥିବ ଚଉ୍ରେ
ବୈକୁଣ୍ଠବିହାରୀ ବିଷ୍ଣୁ କମଳାବିଳାସ
ଅସୁର ନାଶିବା ଅର୍ଥେ ମର୍ତ୍ତ୍ୟେ ହେଲେ ଜାତ
ଯଦ ରଣେ ପଡ଼ିବ ବିପଦ
ବିପଦଭଞ୍ଜନ ନାମ ସ୍ମରିବ ତକ୍ଷଣି
ପଳାଇବ ଅଶେଷ ଦୁର୍ଗତି
ସତ୍ୟ ମୁହିଁ
ମୋହ କଥା ରଖିଥିବ ମନେ ।

ମେଘ -- ପ୍ରିୟେ !
ହରପୂଜା କର ବରମାଗ ମୋହପାଇଁ
ରଣେ ମୋର ହୋଇବ ମଙ୍ଗଳ
ମଙ୍ଗଳମୟ ଶଙ୍କର ଶୁଣିବେ ଅବଶ୍ୟ
ଯାଉଛି ମୁଁ [ପ୍ରସ୍ଥାନ]

ପ୍ରମି -- ଯାଉଛି ଶିବାଳୟେ
ଚନ୍ଦ୍ରଚୂଡ଼ ପଦଯୁଗେ କରିବ ଗୁହାରି
ହେ ଅନାଥର ନାଥ ହେ ଭୂତଭାବନ
ସାହା ହୁଅ ସ୍ୱାମିଙ୍କୁ ମୋହର । (ପ୍ରସ୍ଥାନ)

———❋———

(ତୁମି କାଦେର କୁଲେର ବନ୍ଧୁ-ସୁରେ)

[ଅାଲୁଃ]—ହେ ନରେ ଭଜ ରାମ ନାମ ।
ତେଜ ବିଷୟବାସନା ନ ଦଣ୍ଡିବ ଯମ । ପଦ ।
ସୁଖସୂର୍ଯ୍ୟ ଉଦେ ହେବ, ଦୁଃଖରଜନୀ ପାହିବ ।
ଅନ୍ତିମେ ଚଳଣ ଜନେ ଯିବ ବିଷ୍ଣୁ ଧାମ ହେ । ୧ ।
ପାତକପୂର୍ଣ୍ଣ ବିବାଦ, ମେଣ୍ଟିଯିବ ହେ କୋବିଦ ।
ହୃଦକୁମୁଦ ଫୁଟିବ ପଳାଇବ ତମ ହେ । ୨ ।
ଯେବେ ହେବ ବିଷ୍ଣୁଦୋଷୀ, କାହିଁ ନ ପାଇବ ବସି ।
ବଇ ଭିକ୍ଷେ ଡ଼ାକ ବାରେ ପୂରୁ ମନସ୍କାମ ହେ ।୩। (ପ୍ରସ୍ଥାନ)

Digitized by srujan ka@gmail.com

(ମାୟାସୀତା ମେଘନାଦର ପ୍ରବେଶ)

ମେଘ—ଧନ୍ୟ ଧନ୍ୟ ବଦ୍ଧ୍ୟକ୍ରିୟା
ଯେଉଁ ସୀତା କରଛି ନିର୍ମାଣ
କିବା ସାଧ୍ୟ ଚିହ୍ନିବ ସନ୍ନ୍ୟାସୀ ?
ଶୀତାଂଶୁବଦନା ସୀତାସର ମୁଖ
ଶୁକଚଞ୍ଚୁ ତିଳପୁଷ୍ପ ନାସିକାର ଛଟା
ଇନ୍ଦ୍ରଧନୁ ଜଣା ଭ୍ରୂ ବୀଣା କଣ୍ଠସ୍ୱର
କମ୍ବୁ କଣ୍ଠ ଶମ୍ଭୂଭର ଡ଼ମ୍ବରୁ ମଧ୍ୟମା
ବାହୁଯୁଗ ପଦ୍ମନାଡ଼ସର
ଅରୁଣ ଚରଣ ଯୋଡ ଦଣେ ଦାଉ ଦାଉ
ଦେଖି ଭ୍ରମେ ପଡ଼ିବ ରାଘବ
ନ ଜାଣେ ଏ କଣ
ଶିଖାଇବ ରାମ ଗୁଣାବଳୀ

——*——

(ପ୍ରୀତଯୋଢ କ ପ୍ରଅଦ—ବୃତ୍ତେ)

ସୁନ୍ଦରସ୍ୱର୍ଣ୍ଣ ମନଦେଇ ଯେବେ ରଥେ ବସିଥିବୁ ତୁହ୍ମେ, ନେଇ୍ ମୀର ଯାଉଥିବ ବନ୍ଧୁ । ଦେ । ରେ କୁନ୍ଦବଦନା କାନ୍ଦି ଡ଼ାକଦେବୁ ରକ୍ଷା କର ରଘୁନାଥ । ଥାଉଁ ଥାଉଁ ତୁମ୍ଭେ ମୋତେ ଏତେ ଦଣ୍ଡ ଦେଉଛି ଭଣ୍ଡ ଦଇତ । ୧ । ପୁଣି ଶୁଣମଣି ଡ଼ାକବୁ ଅବତେ ଦୁଖ ଦଅର ଲକ୍ଷ୍ମଣ । ରକ୍ଷା କର ଅବେ ରାକ୍ଷସ ହସ୍ତରେ ଯାଉଛି ମୋହର ପ୍ରାଣ ॥ ବସ୍ତ୍ର ହନୁମାନ ଦେଇ ବସ୍ତ୍ରା ପୁଣି ପ୍ରାଣ ବଞ୍ଚାଇଛୁ ମୋର । କହିଥିଲୁ ପର ରାବଣକୁ ମାରି ମୋତେ କରିବୁ ଉଦ୍ଧାର । ୩ । ଏହିପର ବାମା ବାହନ କାନ୍ଦିବୁ କେଶ ଧରିଥିବ ମୁହିଁ । ବଇଷ୍ଣବ ବୋଲେ କୃଷ୍ଣ ମୋର ଏକା ଅନ୍ତ୍ର ଅଯୋଧ୍ୟାସାଇଁ । ୪ ।

—:o:—

ପଶ୍ଚିମ ଦୁଆରେ ଅଛି ପବନନନ୍ଦନ
କପିସେନା କରୁଅଛି ରକ୍ଷା

Digitized by srujan ka@gmail.com

ତହିଁ ରହି କରିବ କୌଶଳ
ବନପଶୁ ସେ କି ଜାଣେ ରାକ୍ଷସଙ୍କ ମାୟା ।
ଏହି ଯେ—
ଏହିଅଚ୍ଛେ ଅସୁଛି ମାରୁତି
ବସି ରଥେ କାନ୍ଧ ଡ଼ାକି ରଖ ହନୁମାନ ।

(ହନୂର ପ୍ରବେଶ)

ସୀତା—ରକ୍ଷା କର ହନୁମାନ ପବନନନ୍ଦନ
ରାକ୍ଷସ ହସ୍ତରେ ମୋର ଯାଉଛି ଜୀବନ,
ତୁହି ନ ରଖିଲେ ପ୍ରାଣେ ମାରିବ ଦଇତ
ରାମଦୂତ ଯେଣୁ ତେଣୁ ତୁହିଁ ମୋର ମାତ
ସାତସିନ୍ଧୁ ପାରି ହୋଇ ସଙ୍କେତ ଦେଇଛୁ
ଏତେବେଳକୁ କାହିଁକି ନଷ୍ଟୁରି ହେଉଛୁ
ବଧିବ ବୋଲି ରାକ୍ଷସ ମୋତେ ଅଛି ଅଣି
ଏ ସମୟେ କେଣେ ଗଲେ ସ୍ୱାମୀ ରଘୁମଣି
ଏ ସମୟେ ଦିଅର ଲକ୍ଷ୍ମଣ ଗଲେ କାହିଁ
ଏତେବେଳେ ଅଧିନୀକି ନ ରଖିଲେ କେହି !

ହନୂ—ଅରେ ଇନ୍ଦ୍ରଜିତ ଯୋଡ଼ୁଅଛି ହାତ
ଛାଡ଼ ମାତା ଜାନକୀର କେଶ
ସହଜେ ଦୁର୍ବଳା ଅଟନ୍ତି ଅବଳା
ସେତ କିଛି କରି ନାହିଁ ଦୋଷ
ନିର୍ଦ୍ଦୋଷୀକି ଦଣ୍ଡ ଦେଉ ରେ ପାଷାଣ୍ଡ
କେଉଁ ଶାସ୍ତ୍ରେ ଲେଖାଅଛି କହ ?
ସେ ଚନ୍ଦ୍ରବଦନ ଦିଶଇ ମଳିନ
ବେନି ନେତ୍ରୁ ଗଡ଼ ପଡ଼େ ଲୁହ ।

ମେଘ—ରେ ବଣ୍ୟବାନର !
ସବୁ ଦୋଷ ଅଟଇ ଏହାର
ଏହା ଯୋଗେ ବୀରଶୂନ୍ୟ ଲଙ୍କା

Digitized by srujan ka@gmail.com

ଏହା ଯୋଗେ ତୁମ୍ଭ ଅମ୍ଭ କଳି
ଏହା ଯୋଗେ ମେଳ ନର ବାନରଙ୍କ
ଏହା ଯୋଗେ ସାଗରେ ହିଁ ସେତୁ
ଏହାଙ୍କୁ ବଧିଲେ ଛିଡ଼ଯିବ କଳି
ସୁଖେ ରାମ ଗମିବ ଅଯୋଧ୍ୟା
ସୁଖେ ଲଙ୍କା ଭୁଞ୍ଜିବେ ମୋ ପିତା

ହନୁ—(ସ୍ୱଗତ) କଟୂବାଣୀ କହିଲେ ଏହାଙ୍କୁ
କ୍ରୋଧ ହୋଇ ଦେବ କାଳେ ହାଣି
ଏହା ଛଡ଼ା ଧର୍ମପଥ ଦେଖାଇବି ଯାଙ୍କୁ ।

[ପ୍ରକାଶ୍ୟେ] ଶୁଣ ଶୁଣ ରାବଣନନ୍ଦନ
ଜାତରେ ବ୍ରାହ୍ମଣ ହୋଇ ଏ କୁକର୍ମ କରିବୁ କେମନ୍ତେ ?
ଧର୍ମଶାସ୍ତ୍ର ଅଧୀନ ତୁମ୍ଭର
ସ୍ତ୍ରୀବଧ, ପଶୁବଧ, ବିପ୍ରବଧ, ଭ୍ରୂଣହତ୍ୟା
ଏ ସମସ୍ତ ମହାପାପ କହିଅଛି ବେଦ,
ନ ମାନିଲେ ମନ ତୋର
ପଚାର ପଣ୍ଡିତଗଣେ ଯାଇ
କହୁଅଛି କରଯୋଡ଼ି ତୋତେ
ଛାଡ଼ ମାତା ଜାନକୀ ଚକ୍ରୁର

ମେଘ—ରେ ମୂଢ଼ ମର୍କଟ !
କି ଦେଖାଉ ଧର୍ମବାଟ ମୋତେ
କେଉଁ ଧର୍ମେ ଅଛି ଘରପୋଡ଼ା ?
କେଉଁ ଧର୍ମେ ଅଛି କହ ଗୁପ୍ତବାଣ ମର ?
କେଉଁ ଧର୍ମେ ଅଛି କହ ଅପୁରୀ ଜନାଣ ?
ସେହୁ କି ନୁହନ୍ତି ସ୍ତ୍ରୀ ଜାତି ?
କେଉଁ ଧର୍ମେ ଅଛି ନାସାକର୍ଣ୍ଣ କାଟିବାରେ ?
ଏହୁ ଦେଖ ଧର୍ମର ପରୀକ୍ଷା—
ରେ ପାପିଷ୍ଠ !

Digitized by srujan ka@gmail.com

ଯାଅ ତୁହ୍ମ ଶମନସଦନ [ସୀତାଚ୍ଛେଦନ]
ଜୟ ଲଙ୍କପତି ଦଶାନନର ଜୟ । [ପ୍ରସ୍ଥାନ]

ହନୁ—(ରୋଦନ କରୁ କରୁ)
ଓଃ, ପାପିଷ୍ଠ, କଅଣ ନ କଲୁ ?
ଦେଖୁଁ ଦେଖୁଁ ବନାଶିଲୁ ରାମର ଘରଣୀ ।
ରେ ଦଗ୍ଧହୃଦୟ ! ଫାଟିଯାରେ ତୁହ
ପ୍ରାଣପକ୍ଷୀ ପଳାରେ ହୃଦୟପିଞ୍ଜରୁ ଛାଡ଼
ନ ପାରଲୁ ରକ୍ଷା କର ଜାନକୀକି ଅଜ
କି କହିବେ ରାଜୀବଲୋଚନ ?
କି ସମ୍ବାଦ ଦେବ ମୁଁ ଏକ୍ଷଣି
ଶୁଣିଲେ ଏ ବାଣୀ ପ୍ରାଣ ତେଜିବେ ରାଘବ
ଯାଏଁ ମୁହିଁ ଦେଖେଁ
କେଉଁଣେ ଗଲା ରଘୁକୁଳାଙ୍ଗାର [ପ୍ରସ୍ଥାନ]

(ଏହି କି ବଧିର ବଗ୍ଧର—ବୃତ୍ତେ)

ଅଃ କୃଃ—ଦେଖ ଦାନବଙ୍କ ମାୟାବଳ । କେଡ଼େ ସହଜେ
ବୁଡ଼ାନ୍ତି କୁଳ । ସଦା । ପଶୁ ପର ଧର୍ମ ପଶୁ ପର କର୍ମ, ନ ବୁଝିଣ ଭ୍ର
କରୁଛନ୍ତି ଭ୍ରମ । ମର୍ମାହତ ହେବେ ଶେଷେ ପାଇ ଫଳାଫଳ । ୧ । ଏ
କେଉଁ ସାହସ କର ନାରୀ ନାଶ, ଲଭିବାକୁ ଯଶ ବଳାବନ୍ତ ଅଣ
ଲୋଭେ ଲୋଭୀ ହୋଇ ବୁଡ଼ାଇବେ ନିଜ ମୂଳ । ୨ । ପରଂବ୍ରହ୍ମ ଜ
କେ ପାରିବ ପୁଣି, କାଚ ଯେସନ୍ତ କାଚ ମଣି ଯେସନ୍ତ ମଣି । ପାଣି ଉ
ଶେଷେ ସବୁ ହୋଇବ ବିଫଳ । ୩ ।

—✽୦✽—

(ରାମ ଲକ୍ଷ୍ମଣ ଓ ବିଭୀଷଣ)

ରାମ—ଲଙ୍କପତି !
ସୀତାର ଦରହ ଅଉ ନ ପାରଇ ସହି

Digitized by srujan ka@gmail.com

ଯେସନେ ପଶ୍ଚିମଦିଗେ ଅସ୍ତ ହେଲେ ରବି
ଛବି ଦେଖାଇଣ ନିଶା
ଅନ୍ଧକାର ଘୋଟିଯାଏ ଅବନୀମଣ୍ଡଳେ
ସେହିପରି ମୋ ହୃଦଆକାଶେ
ଅସ୍ତଗତ ଉତ୍ସାହ ତପନ
ଦୁଃଖନିଶା ମଳିନ ଭୂଷାରେ
ଭୂଷିତ ହୋଇଣ
ବାସ କରେ ମୋ ଅଙ୍ଗରାଜ୍ୟରେ
ନୁହେଁ ଏହି ଶୁକ୍ଳପକ୍ଷ ନିଶା—
ସୀତାମୁଖ ଶୀତାଂଶୁ ଉଦିତ
ଅଥବା ହୋଇବ ପୂର୍ବାକାଶେ
ଦୂର ହେବ ବିଚ୍ଛେଦଅନ୍ଧାର
[ସାଧ ନା ମେଟିଲ ଆଶା ନା ପୂରିଲ – ବୃତ୍ତେ]

କହ ବିଭୀଷଣ ଅନୁଜ ଲକ୍ଷ୍ମଣ ଦନୁଜଙ୍କୁ କେବେ ବଧିବ ॥ ଜନକ-ନନ୍ଦନା କନକବରନା ସୀତା ଲାଗି କେତେ କାନ୍ଦିବ । ସଦା । ସତେ କିଏ ବନ୍ଧୁ ଫେରି ଯାଇ ଭାନୁବଂଶସିଂହାସନ ବନ୍ଦିବ । ଧନୁର୍ଦ୍ଧାସ୍ତ୍ରପଣେ ଖ୍ୟାତ କ୍ଷିତି ପରେ ପାଷାଣେ କି ସ୍ତୁତି ବାନ୍ଧିବ ॥ ନିଜ ହିତ ପାଇଁ ଜ୍ଞାନ ହତ ହୋଇ କେତେ କେତେ ଫାନ୍ଦ ପାନ୍ଧିବ । କେଉଁ କାଳେ ସଖା ସୁଖରକୁଠାରେ ଦୁଃଖମହୀରୁହ ଛେଦିବ । ୨ । ଆଉ କି ଅଯୋଧ୍ୟା ଫେରିଯାଇ ମୁହିଁ ମାତାଙ୍କ ପଦ ଆରାଧିବ । ବଇଷ୍ଟକ ଭାଳେ ସୀତା ଯେନକୋଳେ ଭେଳେ ବାନ୍ଧବଳେ ଛନ୍ଦିବ ॥

ଲକ୍ଷ୍ମଣ – ଚତୁ ଚନ୍ଦ୍ରା ତେଜ ଚନ୍ଦ୍ରାମଣି,
ସବୁଦିନ ସମାନ ନ ଯାଏ,
ଦିନ ପରେ ରାତି, ରାତି ପରେ ଦିନ
ବହି ଲହିଛନ୍ତି କାଳେ କାଳେ,
ଏହି ଜୀବଗଣ ପ୍ରତି ଘଟିଥାଏ
ସୁଖ ପରେ ଦୁଃଖ ଆଉ ଦୁଃଖ ପରେ ସୁଖ,

Digitized by srujan ka@gmail.com

ତବ ଭାଗ୍ୟେ ନ ଘଟିବ କପାଁ ?
ସୁଖସୂର୍ଯ୍ୟ ଉଇଁଲେ ଆକାଶେ
ପଳାଇବ ଦୁଃଖ ଅନ୍ଧକାର ।

(ହନୂର ପ୍ରବେଶ)

ରାମ—ବତ୍ସ ହନୂ ! ବେଦନେଇ ଅଶ୍ରୁପୂର୍ଣ୍ଣ କଥା ?
କାହାସଙ୍ଗେ ଘଟିଲା ବିବାଦ ?
କେ ବା କ ରେ କଲା ରାମ ନିନ୍ଦା ?
କହ କହ ନିର୍ଭୟ ଅନ୍ତରେ ।

ହନୂ—କି କହିବ ରାଜୀବଲୋଚନ !
କହିଲେ ବିଦୀର୍ଣ୍ଣ ହୁଏ ହୃଦ
ରାକ୍ଷସକୁଳକଳଙ୍କ ମୂଢ଼ ଇନ୍ଦ୍ରଜିତ
ସୀତା ରଥେ ବସାଇଣ ବେଗେ
ମିଳିଲା ଆକାଶମାର୍ଗେ ପଶ୍ଚିମଦୁଆରେ
ଡ଼ାକ ଦେଲା ଅରେ ରେ ମର୍କଟ !
ଦେଖ ଦେଖ ସୀତାର ଦୁର୍ଗତି
ବାମକରେ ସୁକେଶୀର କେଶ
ଅକ୍ରୋଶେ ଧରିଣ ନିଶାଚର
କଟୁବାଣୀ କହିଲା ଅନେକ
ଦେଖି ତାର ଏମନ୍ତ କାରଣ
କ୍ରୋଧେ କାନ୍ଦି କହିଲେ ମା ମୋତେ
ରଖ ହନୂ ଦନୁଜ ହାତରୁ
ରଘୁମଣି. ତବ ଗୁଣ ଗୁଣି
ଲକ୍ଷ୍ମଣ ଲକ୍ଷ୍ମଣ ବୋଲି କରନ୍ତେ କ୍ରନ୍ଦନ
ଶୁଣି ଧନସ୍ଥାନପର ହେଲି ମୁହିଁ ।
ଭାବିଲି ମୁଁ କଟୁବାଣୀ କହିଲେ ଏହାକୁ
କ୍ରୋଧ ବଢ଼ି ଦେବ କାଳେ.ହାଣି ।
ଏହା ଛଡ଼ା ଧର୍ମପଥ ଦେଖାଇଲି ତାକୁ

Digitized by srujan ka@gmail.com

ନ ମାନିଲି ମୋ ବିନୟ ଭାଷା—
ବୋଇଲି ଯଜ୍ଞ ଯୋଗେ କଲି ଅମୃତ ରୂମୃତ,
ଅଗ୍ନିଠାରୁ ଗଲି କଲି ମେଣ୍ଟି
ଏହା କହି ବେଜନଂଣ୍ତ୍ରକରି
କାଷ୍ଠ ଫିଙ୍ଗି ଦେଇଗଲି ଭୂମେ
ଜମ୍ବୁ ଶବ୍ଦ ଉଚ୍ଚାରି ଉଚ୍ଚାରି
ଶୂନ୍ୟମାର୍ଗେ ପଳାଇଲି କାହିଁ,
ତାରି ମୁହିଁ ନ ପାଇ ସନ୍ଧାନ
ଶ୍ରୀଛାମୁରେ କଲି ନିବେଦନ
ଦୋଷ କ୍ଷମା କର ମହାବାହୁ (ଅଶ୍ରୁ ମୋଚନ)

ରାମ—ହା ଜନକନନ୍ଦନୀ ସୀତେ ! ଅଭାଗା ରାମକୁ ଛାଡ଼ି ଗଲୁଗଲୁ କେଉଁଣେ । (ପତନ)

(ଭାଇ ଭୀମ କରିବା କି ବୁଦ୍ଧି—ଦୁଃରେ)

ଅଯୋଧ୍ୟାକୁ ଫେରି ଯାରେ ଭାଇ । ଜାନକୀ ଛାଡ଼ି ଜୀବନେ ଆଉ ପ୍ରୟୋଜନ ନାହିଁ । ପଦ । ସଙ୍ଗେ ଘେନ ବିଭୀଷଣେ, ଚାଲଚାଲ ଏକ୍ଷଣେ । ସିଂହାସନେ କର ନରସାଇଁ । ୧ । କହିଥିଲି ସତ୍ୟ କରି, ରାବଣକୁ ପ୍ରାଣେ ମାରି । ଦଣ୍ଡଧାରୀ ଏଣେ କରିବଇଁ । ୨ । ଥାଉ ଲଙ୍କାରେ ନରେଶ, ଆଉ ନାହିଁ ରଣେ ଆଶ । ବନବାସେ ଭ୍ରମୁଥିବ ମୁହିଁ । ୩ । ମଇନ୍ଦ କିଷ୍କିନ୍ଧ୍ୟା ଚାଲ, ସଙ୍ଗେ ଘେନ କପିଦଳ । ଅତୁଳ ଐଶ୍ୱର୍ଯ୍ୟ ଭୁଞ୍ଜ ଯାଇ । ୪ । କାଳିକ ବହିଛି ଦୁଃଖ, ମୋ କରମେ ସ୍ତ୍ରୀମୁଖ । ବଳିଷ୍ଠବ ବଳକେ ଭାଷଇ । ୫ ।

ବିଭୀ—ଅଯୋଧ୍ୟା ଦେଶ ନରେଶ ରାଜୀବଲୋଚନ
ଅସ୍ଥିର ହୋଇଣ ଆଉ ନ କର ରୋଦନ
ଧୈର୍ଯ୍ୟରେ କାର୍ଯ୍ୟ କରିଲେ ନ ଘଟେ ଦୁର୍ଗତି,
ସହଜେ ତ ବନପଶୁ ଅଟଇ ମାରୁତି,
ରାକ୍ଷସଙ୍କ ମାୟା କାହିଁ ସେ ପାରିବ ଜାଣି

Digitized by srujan ka@gmail.com

ସବୁ ଜାଣି ବୃଥା ଭୀତ ହୁଅ ରଘୁମଣି,
ଅଶୋକ କାନନେ ହନୁ ଯାଉ ବେଗ ହୋଇ
ଦେଖିଆସୁ ସୀତା ଚହିଁ ଅଛନ୍ତି କି ନାହିଁ,
ଫେରିଆସି ହନୁମାନ କହିଲେ ସଙ୍କେତ
ତେଣିକି ଅନ୍ୟ ଉପାୟ ଅଛି ସୀତାନାଥ ।

ରାମ - ଯାଅରେ ମାରୁତି ଆଣ ଜାନକୀ ସମ୍ବାଦ,
ତୋ ଫେରିବାଯାଏ ପିଣ୍ଡେ ରହିଛି ପରାଣ ।

ହନୁ—ଯେ ଆଜ୍ଞା, (ପ୍ରସ୍ଥାନ)

ଲକ୍ଷ୍ମଣ—ଓଃ ଫାଟିଯାଏ ଛାତି
ମା ମା ତେଜି ଏ ଲକ୍ଷ୍ମଣେ, ଏକ୍ଷଣେ ତୁ ରହିଅଛୁ କାହିଁ ?
ଆଜଠାରୁ ମାତୃହୀନ ଅଭାଗା ଲକ୍ଷ୍ମଣ
ମାଆ ବୋଲି ଡ଼ାକିବ କାହାକୁ
ରେ ମୂଢ଼ ରାକ୍ଷସ ! ବଧ କଲୁ ମାତାର ଜୀବନ
ସେହି ଦୋଷେ ବିନାଶିବି ତୋତେ
ସେହି ଦୋଷେ ବଧିବି ରାବଣେ
କନକ ଲଙ୍କା ଭୁବନ କରି ଛାରଖାର
ନିକ୍ଷେପିବି ସମୁଦ୍ର ସଲିଳେ
ଶୀଘ୍ର ଭାଇ ଦିଅ ଅସି (ଅସି ଧାରଣ)
ହେ ପୃଥିବୀସ୍ଥ ଜୀବଗଣେ, ବ୍ରହ୍ମା, ଇନ୍ଦ୍ର, ବରୁଣ, କୁବେର
ଶୁଣିଥାଅ ଦଶଦିଗପାଳେ, ଅସି ଛୁଇଁ କରୁଛି ନିୟମ ।
ନଶ୍ୱେଁ ନଶ୍ୱେଁ ଇନ୍ଦ୍ରଜିତ ରକ୍ତେ, ଅସିତୃଷ୍ଣା ହେବ ନିବାରିତ ।
ନୋହିଲେ ନିଜ ବକ୍ଷରେ କରିବି ପ୍ରହାର
ଏକାବେଳେ ମାତା ପୁତ୍ର ଯିବୁ ଏ ସଂସାରୁ ।

ବିଭୀ—ସ୍ଥିର ହୁଅ ବୀରବର !
ଆସୁଅଛି ପବନକୁମର, ପ୍ରଫୁଲ୍ଲବଦନ ଦିଶୁଅଛି ତାର
କି ସମ୍ବାଦ କହିବ ଏକ୍ଷଣି (ହନୁର ପ୍ରବେଶ)

ରାମ—ବତ୍ସ ହନୁ ଦେଖିଲୁକି ଅଙ୍କଲକ୍ଷ୍ମୀ ନିଶାକରମୁଖୀ

Digitized by srujan ka@gmail.com

ପ୍ରିୟାକୁ ମୋ ଅଶୋକ କାନନେ ?
ଦେଖି ତୋତେ

ହନୂ—ମହାବାହୁ !
ତବ ଅଙ୍କ ଯେହ୍ନ ପ୍ରବେଶିଲି ଅଶୋକକାନନେ
ଦେଖିଲିମାତ୍ରକେ ମାତା, ପଚାରିଲେ ତବ ଶରୀର ମଙ୍ଗଳ ।

(ଦୁଃଖ କରିଥିରି ହରି ବୋଇଲେ କିଶୋରୀ—ବୃତ୍ତେ)
ରାଜୀବନୟନ ମୁହିଁ କହିଲି ସକଳ
ଶୁଣିଣ ମୋ ବାଣୀ ମାତା ହୋଇଲେ ବିକଳ ।
ନୟନରୁ ନୀରଧାର,
ତେଜ ମୁକୁଳିତକେଶା ବୋଇଲେ ଉତ୍ତର । ୧ ।

ବୋଇଲେ ମାରୁତି ଯେବେ ମୃତ୍ୟୁ ମୋତେ ହେବ,
ଅସୁରମାନଙ୍କ ବେତ୍ରାଘାତ କେ ସହିବ,
ଯାତା ଲେଖିଛି କପାଳେ,
ଦମ୍ପତିସମ୍ପତ୍ତି ଭୋଗ ନାହିଁ ଯୁବାକାଳେ । ୨ ।

କହିବୁ ନାଥଙ୍କୁ ମୋର ମାଗୁଣି ଏତିକ,
'ସେ ନୀଳନୀରଦ ମୁହିଁ ଅଟଇ ଚାତକୀ,
ଚିତ୍ତୁ ନ କରିବେ ଦୂର,
ବଜ୍ରକୁ ଡରଣ ମସ୍ତ ଯୁଡ଼େ କି ଭୂଧର । ୩ ।

ଯାଅ ହନୂ ଜଣାଇବୁ ଭାନୁବଂଶଧରେ,
ଅନୁସରିଥିବେ ଯନ୍ତୁ ପକାଇ ଧସରେ,
ତହୁଁ ପଡ଼ି ଶ୍ରୀଚରଣେ,
ମେଲାଣି ହୋଇଲି ପାଣି ବଇଷ୍ଣବ ଭଣେ । ୪ ।

ରାମ—ଧନ୍ୟ ବସ୍ତ୍ର ପବନନନ୍ଦନ,
ତୋହ୍ର ଯୋଗେ ରହିଲା ଏ ଜୀବ
ମାଗ ବର ଯାହା ଇଚ୍ଛା ତୋର ।'

Digitized by srujan ka@gmail.com

ହନୂ—ବୈକୁଣ୍ଠବିହାରୀ !

ନାହିଁ ମୋର ଆପତ୍ତି ତହିଁରେ,
ଦେବଗଣସେବିତ ଯେ ପଦ
ସେ ପଦପଙ୍କଜରଜ ଦେଇ କର ତୋଷ ।

ରାମ—ନାହିଁ ମୋର ଆପତ୍ତି ତହିଁରେ,
ପୂର୍ଣ୍ଣ ହେଉ ତବ ମନସ୍କାମ

ହନୂ—ଯେ ଆଜ୍ଞା (ପଦରଜ ସେଚନ)

ଧନ୍ୟ ହନୂମାନ ଧନ୍ୟ ତୋ ଜୀବନ ରାମପଦରଜ ପାଇଲୁ । ଜନ୍ମ ଜନ୍ମାନ୍ତର ଯେତେ ପାପଭାର ତହିଁରୁ ବଞ୍ଚିତ ହୋଇଲୁ । ପଦ । ଧନ୍ୟ ତୋର ମାତା ଧନ୍ୟ ତୋର ପିତା । ଯାହା ନପାଇଲେ ମନେ କରି ଚିନ୍ତା । କମଳାଙ୍କ କରେ ଯେ ପଦ୍ମ ଶୋଭିତା ତାହା ତୁ ଶୀକରେ ଧଇଲୁ । ୧ । ଅମରବାଞ୍ଛିତ ଯେଉଁ ପଦଧୂଳି । ଯାହା ଶିରେ ଧରି ନିସ୍ତରିଲା କାଳି । ଯା ପରଶେ ଶିଳା ହୋଇଗଲା ବାଳୀ ତାହା ଅବହେଳେ ପାଇଲୁ । ୨ । ଅଜ କି ସୁଯୋଗେ ପାଇଥିଲୁ ଯାତ । ଲଭିଲୁ ତୁ ତାହା ହୋଇ ପଶୁ ଜାତ । ବଇଷ୍ଣବ ବୋଲେ ଥିଲା ତୋର ଭଲେ ସେ ପଦ ମହିମା ଗାଇଲୁ । ୩ ।

ରାମ—ଧନ୍ୟ ଲଙ୍କପତି ବିଭୀଷଣ !

ବୁଦ୍ଧିଦାତା ତୁମ୍ଭେ ମୋର ସଦା
ତବ ଯୋଗେ ବହୁ କାର୍ଯ୍ୟ ସିଦ୍ଧ ହେଲା ମୋର ।
ତବ ବୁଦ୍ଧିବଳେ ମୁହିଁ ବଧିବି ରାବଣେ
ଏକ୍ଷଣି ଉପାୟ କିସ କରିବଇଁ ସଖା ?

ବିଭୀ—ରାଘବେନ୍ଦ୍ର !

କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ନ କର କଦାପି
ପାପମତି ରାବଣ ନନ୍ଦନ
ମାୟାସୀତା କାଟିବାରୁ ମନେ କର ଅଣ୍ଠ

Digitized by srujan ka@gmail.com